# NATIONAL NEWS BULLETIN (ODIA)

**30 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଏବେ ସ୍ୱପ୍ନ ନୁହେଁ, ବରଂ ଆମ ପାଇଁ ଆହ୍ୱାନ, କହିଲେ ଉପରାଷ୍ଟ୍ରପତି

- ଭୁବନେଶ୍ୱରରେ ଆୟୋଜିତ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

- ପୁଡୁଚେରୀରେ ଆଜି ଅପରାହ୍ନ ପରେ ସାମୁଦ୍ରିକ ଝଡ଼ ଫେଞ୍ଜାଲ୍ ଉପକୂଳ ସ୍ପର୍ଶ କରିବା ସମ୍ଭାବନା

ଏବଂ

- ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍‌ରେ ଭାରତ-ପାକିସ୍ତାନ ଓ ୟୁଏଇ-ଜାପାନ ମଧ୍ୟରେ ଖେଳ ଜାରି ।

---

## ଭି.ପି କନ୍‌କ୍ଲେଭ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି, ବିକଶିତ ଭାରତ ଏବେ ସ୍ୱପ୍ନ ନୁହେଁ, ବରଂ ଆମ ପାଇଁ ଏକ ଆହ୍ୱାନ । ଦେଶ ନିଜ ସଂକଳ୍ପ ବଳରେ ଏହି ଲକ୍ଷ୍ୟ ହାସଲ କରିବ ବୋଲି ସେ କହିଛନ୍ତି । ଆଜି ସକାଳେ ନୂଆଦିଲ୍ଲୀରେ **ବିକଶିତ ଭାରତ-୨୦୪୭- ଭିଜନ ଅଫ୍ ନିଉଇଣ୍ଡିଆ ୩.୦** ଶୀର୍ଷକ ସମ୍ମେଳନକୁ ସମ୍ବୋଧିତ କରି ଶ୍ରୀ ଧନଖଡ଼ କହିଛନ୍ତି

ଭାରତୀୟ ଅର୍ଥନୀତି  ଓ ଭିତ୍ତିଭୂମି, ଡିଜିଟାଲ ଭିତ୍ତିଭୂମି ଏବଂ ଡିଜିଟାଲ କାର୍ଯ୍ୟକଳାପକୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ ଏବଂ ବିଶ୍ୱ ଅର୍ଥନୈତିକ ଫୋରମ ପ୍ରଶଂସା କରୁଛନ୍ତି । ଆଇଏମ୍ଏଫ୍ କହିଛି ଯେ ଭାରତ ହେଉଛି ପୁଞ୍ଜି ନିବେଶ କ୍ଷେତ୍ରରେ ସମସ୍ତଙ୍କ ପାଇଁ ଲକ୍ଷ୍ୟସ୍ଥଳ ।

ଉପରାଷ୍ଟ୍ରପତି କହିଛନ୍ତି, ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆସିଛି ଏବଂ ଅତି କମ୍ ସମୟ ମଧ୍ୟରେ ୫୦ କୋଟିରୁ ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଛି । ସମ୍ମିଳନୀରେ ଶ୍ରୀ ଧନଖଡ଼ ଭୋକାଲ୍ ଫର୍ ଲୋକାଲ୍ ଉପରେ ଗୁରୁତ୍ୱାରୋପ କରି ସେ ଲୋକମାନଙ୍କୁ ଆବଶ୍ୟକତା ଅନୁଯାୟୀ ସମ୍ବଳର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ।

---

# ପିଏମ୍-ଡିଜିପି ଆଇଜିପି କନଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁବନେଶ୍ୱରରେ ଆୟୋଜିତ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକ ଓ ଇନ୍ସପେକ୍ଟର ଜେନେରାଲ୍ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଗତକାଲି ଲୋକସେବା ଭବନର କନ୍ଭେନ୍ସନ୍ ହଲ୍ରେ ଏହି ୩ ଦିନିଆ ସମ୍ମିଳନୀକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା  ଉଦ୍ଘାଟନ କରିଥିଲେ ।

ଆସନ୍ତାକାଲି ମଧ୍ୟ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଶ୍ରୀ ମୋଦୀ ସବୁସମୟରେ ମୁକ୍ତ ଏବଂ ଅନୌପଚାରିକ ଆଲୋଚନାକୁ ପ୍ରୋତ୍ସାହିତ କରିଛନ୍ତି ଏବଂ ନୂତନ ଚିନ୍ତାଧାରାକୁ  କାର୍ଯ୍ୟରେ ପରିଣତ କରିବା କ୍ଷେତ୍ରରେ ଆଗ୍ରହ ପ୍ରକାଶ କରିଛନ୍ତି ।

ଏହି ୩ ଦିନିଆ ସମ୍ମିଳନୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି ।

ଏହି ସମ୍ମିଳନୀରେ ଦେଶର ବରିଷ୍ଠ ପୋଲିସ୍ ପ୍ରଶାସକମାନେ ଜାତୀୟ ନିରାପତ୍ତା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ଭବିଷ୍ୟତ ପାଇଁ ରୂପରେଖ ପ୍ରସ୍ତୁତ କରିବେ । ବିଶେଷଭାବେ ସମ୍ମିଳନୀରେ ଆତଙ୍କବାଦ ମୁକାବିଲା, ବାମପନ୍ଥୀ ଉଗ୍ରବାଦ, ଉପକୂଳ ସୁରକ୍ଷା, ସାଇବର ଅପରାଧ ଓ ନୂତନ ଅପରାଧିକ ଆଇନ ବିଷୟରେ ଆଲୋଚନା ହେଉଛି। ଉଲ୍ଲେଖନୀୟ ସେବା ପାଇଁ ଏହି ସମ୍ମିଳନୀରେ ରାଷ୍ଟ୍ରପତି ପୋଲିସ୍ ପଦକ ପ୍ରଦାନ କରାଯିବ ।

---

# ଲୋକସଭା-ଆୟୁଷ୍ମାନ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଅଧୀନରେ ଗତ ୨୫ ତାରିଖ ସୁଦ୍ଧା ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରାୟ ୧୪ଲକ୍ଷ ଆୟୁଷ୍ମାନ ବୟୋ ବନ୍ଦନ କାର୍ଡ ଜାରି କରାଯାଇଛି । ଲୋକସଭାରେ ଗତକାଲି ଏ ସଂପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟସ୍କ ନାଗରିକଙ୍କୁ ଏହି ଯୋଜନା ଅଧୀନରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପ୍ରଦାନର ବ୍ୟବସ୍ଥା ରହିଛି । ଏଥିରେ ପ୍ରାୟ ୬ କୋଟି ବୟସ୍କ ନାଗରିକ ସାମିଲ ହେବେ । ଏହି ଯୋଜନାରେ ୧୩ ହଜାର ୧୭୩ଟି ଘରୋଇ

ଡାକ୍ତରଖାନାକୁ ମିଶାଇ ୨୯ ହଜାର ୮୭୦ଟି ହସ୍ପିଟାଲକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## ପୁଡୁଚେରୀ ସାଇକ୍ଲୋନ୍

ପୁଡୁଚେରୀରେ ଆଜି ଅପରାହ୍ନ ପରେ ସାମୁଦ୍ରିକ ଝଡ଼ ଫେଞ୍ଜାଲ୍ ଉପକୂଳ ସ୍ପର୍ଶ କରିବା ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ତଟବର୍ତ୍ତୀ ଅଞ୍ଚଳରେ ୩୦୦ରୁ ଅଧିକ ପୁଲିସ୍ କର୍ମଚାରୀଙ୍କୁ ମୁତୟନ କରାଯାଇଛି । ସମୁଦ୍ର ନିକଟବର୍ତ୍ତୀ ସଡ଼କପଥକୁ ବନ୍ଦ କରି ଦିଆଯାଇଥିବା ବେଳେ ସେହି ଅଞ୍ଚଳରେ ଲୋକମାନଙ୍କ ଯିବାଆସିବା ଉପରେ କଟକଣା ଜାରି କରାଯାଇଛି । ସେଠାକାର ବରିଷ୍ଠ ପୋଲିସ୍ ଅଧିକ୍ଷକ ସ୍ଥିତି ଆକଳନ କରିଛନ୍ତି । ଆଜି ସକାଳଠାରୁ ପୁଡୁଚେରୀରେ ସାମାନ୍ୟ ବର୍ଷା ଆରମ୍ଭ ହୋଇଥିବା ବେଳେ ସମୁଦ୍ରରେ ଉଚ୍ଚ ଜୁଆର ଆସୁଛି ।

## ସାଇକ୍ଲୋନ

ବଙ୍ଗୋପସାଗର ଉପକୂଳରେ ସକ୍ରିୟ ଥିବା ଲଘୁଚାପ 'ଫେଞ୍ଜାଲ୍' ଗତ ମଧ୍ୟରାତ୍ରିରୁ ଦକ୍ଷିଣ-ପଶ୍ଚିମ ଦିଗରେ ୧୫ କିଲୋମିଟର ବେଗରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି । ଆଜି ରାତି ସୁଦ୍ଧା ଏହା ପୁଡୁଚେରୀ ସ୍ପର୍ଶ କରିବାର ସମ୍ଭାବନା ରହିଛି । ଏଭଳି ସ୍ଥିତି ଯୋଗୁଁ ସେଠାକାର ତଟବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ନିଆଯାଇଥିବା ବେଳେ ସେମାନଙ୍କୁ ଭୋଜନ ଓ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି ।

ସୂଚନା ଅନୁଯାୟୀ, ଜଳାଶୟ ଗୁଡ଼ିକରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଉଛି। ତଳିଆ ଅଞ୍ଚଳ ଗୁଡ଼ିକରେ କ୍ରମାଗତ ବର୍ଷା ଯୋଗୁଁ ପୁଣ୍ଡି, ଚୋଲାବରମ୍, ପୁଝାଲ୍, ବୀରନମ ଏବଂ କନ୍ନନକୋଟଇ ପ୍ରଭୃତି ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏଥିଯୋଗୁଁ ବିମାନସେବା ପ୍ରଭାବିତ ହୋଇଛି । ପବନର ବେଗ ଅଧିକ ଥିବାରୁ ଏବଂ ବର୍ଷା ଜଳ ଜମି ରହିବାରୁ ବିମାନ ବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି।

ସାମୁଦ୍ରିକ ଝଡ଼ 'ଫେଞ୍ଜାଲ'କୁ ଦୃଷ୍ଟିରେ ରଖି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ ଆଜି ସ୍ଥିତିର ସମୀକ୍ଷା କରିଛନ୍ତି । ଚେନ୍ନାଇସ୍ଥିତ ଲଘୁଚାପ ନିୟନ୍ତ୍ରଣ କେନ୍ଦ୍ର ଗସ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଷ୍ଟାଲିନ୍ କହିଛନ୍ତି, ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ଏବଂ ଅଧିକ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରୀ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

---

## ମହା-ନିଉ ସିଏମ୍

ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଏକସପ୍ତାହ ପରେ ମଧ୍ୟ ସରକାର ଗଠନ ନେଇ  କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ମହାୟୁତି ମେଣ୍ଟର ନେତାମାନେ ମୁମ୍ବାଇ ଏବଂ ଦିଲ୍ଲୀରେ ଘନଘନ ବୈଠକ କରୁଛନ୍ତି । ଏପର୍ଯ୍ୟନ୍ତ ମହାରାଷ୍ଟ୍ରର କିଏ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ, ସେ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ । ବିଜେପି ଏବଂ ଶିବସେନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ମାସ ୫ ତାରିଖରେ ଆଜାଦ୍ ମୈଦାନରେ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ହେବାର ସମ୍ଭାବନା ରହିଛି ।

୨୮୮ ସଦସ୍ୟ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ୭୮ ଜଣ ନୂଆ ବିଧାୟକ ସାମିଲ ହେବେ । ସେମାନଙ୍କ ମଧ୍ୟରୁ ବିଜେପିରୁ ୩୩ ଜଣ ରହିଥିବା ବେଳେ, ଶିବସେନାର ୧୪ ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ୮ ଜଣ ବିଧାୟକ ଅଛନ୍ତି । ଶିବସେନା (ୟୁବିଟି)ର ୧୦ ନୂଆ ବିଧାୟକ ଥିବା ବେଳେ କଂଗ୍ରେସର ୬ ଏବଂ ଏନ୍‌ସିପି (ଶରଦ ପାୱାର ଗୋଷ୍ଠୀ)ର ୪ଜଣ ବିଧାୟକ ରହିଛନ୍ତି ।

## ଭିପି-ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଅରୁଣାଚଳପ୍ରଦେଶ ଗସ୍ତରେ ଯିବେ । ସେଠାରେ ଦଇମୁଖ ରୋନୋହିଲ୍‌ସ ସ୍ଥିତ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ୨୨ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ଯୋଗଦେବେ । ପରେ ଶ୍ରୀ ଧନଖଡ଼ ଅରୁଣାଚଳ ପ୍ରଦେଶ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

## ଗମେଣ୍ଟ-ଏଡିବି

ଦେଶରେ ଉଦ୍ୟାନ କୃଷି ସହ ଜଡ଼ିତ କୃଷକଙ୍କୁ ରୋଗମୁକ୍ତ ଚାରା ରୋପଣ ସାମଗ୍ରୀ ଉପଲବ୍ଧ କରାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏବଂ ଏସୀୟ ଉନ୍ନୟନ ବ୍ୟାଙ୍କ ମଧ୍ୟରେ ୯୮ ନିୟୁତ ଆମେରିକୀୟ ଡଲାରର ଋଣ ରାଜିନାମା ସ୍ୱାକ୍ଷରିତ ହୋଇଛି ।  ଭାରତର ଅର୍ଥନୈତିକ ବ୍ୟାପାର ଯୁଗ୍ମ ସଚିବ ଜୁହୀ ମୁଖାର୍ଜୀ ଏବଂ ବ୍ୟାଙ୍କର ଭାରତୀୟ ରେସିଡେଣ୍ଟ ମିଶନର ଭାରପ୍ରାପ୍ତ ଅଧିକାରୀ କାଳୀ ୱେଇ ୟୋ ଏହି ରାଜିନାମାରେ ସ୍ୱାକ୍ଷର କରିଛନ୍ତି । ଯୁଗ୍ମ ସଚିବ ଶ୍ରୀମତୀ ମୁଖାର୍ଜୀ କହିଛନ୍ତି ଏହି ପାଣ୍ଠି ଉଦ୍ଭିଦ

ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ସହ  ଉତ୍ପାଦକତା ବୃଦ୍ଧି ଦିଗରେ ଉନ୍ନତି ଆଣିପାରିବ । ଏହାଦ୍ୱାରା ଫସଲ ଅମଳ, ଗୁଣବତ୍ତା ବଜାୟ ଏବଂ ଜଳବାୟୁ ପ୍ରଭାବର ମୁକାବିଲା ଦିଗରେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ।

## ଟେକ୍ସଟାଇଲ୍-ମାର୍ଘେରିଟା

ବୟନ ଶିଳ୍ପ କ୍ଷେତ୍ରରେ ମହିଳାଙ୍କର ଅଂଶଗ୍ରହଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ବୋଲି ବୟନ ଶିଳ୍ପରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା କହିଛନ୍ତି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଇତିମଧ୍ୟରେ ୩ ଲକ୍ଷ ୬୦ ହଜାରରୁ ଅଧିକ ମହିଳା ହିତାଧିକାରୀଙ୍କୁ ସମର୍ଥ ଯୋଜନା ଅଧୀନରେ ତାଲିମ ପ୍ରଦାନ କରାଯାଇଛି । ବୟନ ଶିଳ୍ପ କ୍ଷେତ୍ରରେ ରୋଜଗାର ଏବଂ ଉନ୍ନତି ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି । ସେ କହିଛନ୍ତି ଏହି କ୍ଷେତ୍ରରେ ମୋଟ୍ ହିତାଧିକାରୀଙ୍କ ମଧ୍ୟରୁ ୮୮ ପ୍ରତିଶତ ହେଉଛନ୍ତି ମହିଳା । କୃଷି ପରେ ବୟନଶିଳ୍ପ କ୍ଷେତ୍ର ହେଉଛି ଦେଶର ଦ୍ୱିତୀୟ ବୃହତ୍ତମ ନିଯୁକ୍ତି କ୍ଷେତ୍ର । ପାଖାପାଖି ସାଢ଼େ ୪ କୋଟି ଲୋକ ବୟନ ଶିଳ୍ପ କ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ଏହାକୁ ୧୦ କୋଟିକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ବ୍ୟୟ ବରାଦ ସହିତ ନିକଟରେ କାର୍ଯ୍ୟକାରୀ ହୋଇଥିବା ପି.ଏମ୍. ଇଣ୍ଟର୍ଣ୍ଣସିପ୍ ଯୋଜନାର ସୁଯୋଗ ନେବାକୁ ମନ୍ତ୍ରୀ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି ।

# କ୍ରିକେଟ

୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ଗ୍ରୁପ୍-ଏ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଜାରି ରହିଛି ।  ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ପାକିସ୍ତାନ ୪୪ ଓଭର୍ ୩ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ୨୪୫ ରନ୍ କରିଛି ।

ଅନ୍ୟ ଏକ ମ୍ୟାଚ୍‌ରେ ଜାପାନ ବିରୁଦ୍ଧରେ ପ୍ରଥମେ ବ୍ୟାଟିଂ କରି ୟୁଏଇ ନିର୍ଦ୍ଧାରିତ ୫୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୩୨୫ ରନ୍ ସ୍କୋର୍ କରିଛି ।

---

# ବ୍ୟାଡମିଣ୍ଟନ

ବ୍ୟାଡମିଣ୍ଟନରେ ଭାରତର ଧ୍ରୁବ କପିଲା ଏବଂ ତନିସା କ୍ରାଷ୍ଟୋଙ୍କ ଯୋଡ଼ି ଫାଇନାଲ୍‌ରେ ପହଞ୍ଚିଛନ୍ତି । ଆଜି ସୟଦ ମୋଦୀ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଡବଲ୍‌ସ ସେମିଫାଇନାଲ୍‌ରେ ଚୀନ୍‌ର ହୌ ଝି ଏବଂ ୟଙ୍ଗ ଜି ୱି  ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି । ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ୨୧-୧୬, ୨୧-୧୫ରେ ଚୀନ୍ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି ।

ମହିଳା ସିଙ୍ଗଲ୍‌ସରେ ଦୁଇଥରର ଅଲମ୍ପିକ୍ ବିଜେତା ପି.ଭି. ସିନ୍ଧୁ ଆଜି ଉନ୍ନତୀ ହୁଡାଙ୍କ ସହ ମୁକାବିଲା କରିବାକୁ ଥିବା  ବେଳେ ପୁରୁଷ ସିଙ୍ଗିଲ୍‌ସରେ ଲକ୍ଷ୍ୟ ସେନ୍’ ଜାପାନର ସୋ ଗୋ ଓଗୁୱା ଏବଂ ଦ୍ୱିତୀୟ

ମାନ୍ୟତାପ୍ରାପ୍ତ ପ୍ରିୟାଂଶୁ ରାଜାବତ୍ ସିଙ୍ଗାପୁରର ଚତୁର୍ଥ ମାନ୍ୟତାପ୍ରାପ୍ତ ଜିଆ ହେଙ୍ଗ୍ ଜାସନ୍ଙ୍କ ସହ ସେମିଫାଇନାଲରେ ମୁକାବିଲା କରିବେ ।